# NATIONAL NEWS BULLETIN (ODIA)
## 23 January - 2025
## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ନେତାଜୀ ସୁଭାସ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ବିଧାନ ସଦନର କେନ୍ଦ୍ରୀୟ ହଲ୍‌ରେ ଅର୍ପଣ କଲେ ଶ୍ରଦ୍ଧାଞ୍ଜଳି ।
- ନେତାଜୀଙ୍କ ଜନ୍ମ ସ୍ଥାନ କଟକରେ ପରାକ୍ରମ ଦିବସ ଅବସରରେ ଆଜିଠାରୁ ପାଳନ କରାଯାଉଛି ତିନି ଦିନିଆ ଉତ୍ସବ ।
- ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ଲାଗି ଡିଜିଟାଲ୍ ଜ୍ଞାନକୌଶଳର ଉପଯୋଗ ଉପରେ ଗୁରୁତ୍ୱ ଦେଲେ ମୁଖ୍ୟ ନିର୍ବାଚନ ଅଧିକାରୀ ରାଜୀବ କୁମାର ।
- ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ କ୍ରମଶଃ ଜୋର୍ ଧରୁଛି ପ୍ରଚାର କାର୍ଯ୍ୟ ।

ଏବଂ

- ଆଇ.ସି.ସି. ୧୯ ବର୍ଷରୁ କମ୍ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍‌ରେ ଶ୍ରୀଲଙ୍କାକୁ ୬୦ରନ୍‌ରେ ପରାସ୍ତ କଲା  ଭାରତ ।

# ପିଏମ୍-ନେତାଜୀ ଜୟନ୍ତୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନେତାଜୀ ସୁଭାସ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ନୂଆଦିଲ୍ଲୀର ସମ୍ବିଧାନ ସଦନର କେନ୍ଦ୍ରୀୟ ହଲ୍‌ରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି ।  ବାଚସ୍ପତି ଓମ୍ ବିର୍ଲା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ନେତାମାନେ ନେତାଜୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ୨୦୪୭ ମସିହା ସୁଦ୍ଧା ଦେଶର ଲକ୍ଷ୍ୟ ସମ୍ପର୍କରେ ସେଠାରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରଧାନମନ୍ତ୍ରୀ ପଚାରି ଥିଲେ । ଏହାର ଉତ୍ତରରେ ଛାତ୍ରଛାତ୍ରୀମାନେ ଏକ ବିକଶିତ ରାଷ୍ଟ୍ର ଲକ୍ଷ୍ୟ ହାସଲ ବୋଲି ଦୃଢ଼ତାର ସହିତ କହିଥିଲେ ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଦିଲ୍ଲୀରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୨ ହଜାର ବିଦ୍ୟୁତ୍ ଚାଳିତ ବସ୍ ଯୋଗାଇ ଦିଆଯାଇଥିବା କହିଥିଲେ । ଆଗାମୀ ଦିନରେ ଅଧିକ ସଂଖ୍ୟାରେ ବିଦ୍ୟୁତ୍ ଚାଳିତ ବସ୍ ଯୋଗାଇ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଜଳବାୟୁ ପରିବର୍ତ୍ତନ ସମସ୍ୟାକୁ ସମାଧାନ କରିବା ଦିଗରେ ପି.ଏମ୍. ସୂର୍ଯ୍ୟଘର ଯୋଜନା କିପରି ଉପଯୋଗୀ ହେବ ସେ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ ।

# ପରାକ୍ରମ ଦିବସ

ସଂସ୍କୃତି ମନ୍ତ୍ରଣାଳୟ ତରଫରୁ ନେତାଜୀଙ୍କ ୧୨୮ତମ ଜୟନ୍ତୀ ଅବସରରେ ନେତାଜୀଙ୍କ ଜନ୍ମସ୍ଥାନ ଓଡ଼ିଶା କଟକ ଠାରେ ଆଜିଠାରୁ ତିନି ଦିନିଆ ଉତ୍ସବ ପାଳନ କରାଯାଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପରିବର୍ତ୍ତିତ ସମୟରେ ଆଜି ଓଡ଼ିଆ ଅସ୍ମିତାକୁ ସ୍ମରଣ ପୂର୍ବକ ନେତାଜୀଙ୍କ ଜୟନ୍ତୀ ମହା ସମାରୋହରେ ପାଳନ କରାଯାଉଛି ।

# ଇସିଆ

ମୁଖ୍ୟ ନିର୍ବାଚନ ଅଧିକାରୀ ରାଜୀବ କୁମାର ନିର୍ବାଚନ ପରିଚାଳନା ପ୍ରଶାସନକୁ ସାଇବର ସୁରକ୍ଷା ସହିତ ଅପପ୍ରଚାରକୁ ରୋକିବା ପାଇଁ ଆହ୍ୱାନ ଦେଇଛନ୍ତି । ନୂଆଦିଲ୍ଲୀରେ ଭାରତୀୟ ନିର୍ବାଚନ କମିଶନ୍‌ଙ୍କ ପକ୍ଷରୁ ଆୟୋଜିତ ଦୁଇ ଦିନିଆ ସମ୍ମିଳନୀର ଉଦ୍‌ଘାଟନୀ ସଭାରେ ଉଦ୍‌ବୋଧନ ଦେଇ ସେ ମତଦାତାଙ୍କ ଆସ୍ଥାଭାଜନ ହେବା ସହିତ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ଲାଗି ଡିଜିଟାଲ୍ ଜ୍ଞାନକୌଶଳର ଉପଯୋଗ ଉପରେ ଗୁରୁତ୍ୱ ଦେଇଛନ୍ତି । ଜ୍ଞାନକୌଶଳ ଦ୍ୱାରା ପର୍ଯ୍ୟାପ୍ତ ସୁଯୋଗ ମିଳୁଥିବା ବେଳେ ଏହାଦ୍ୱାରା ଅପପ୍ରଚାର ଓ ସାଇବର ସିକ୍ୟୁରିଟି ପ୍ରତି ବିପଦ ଭଳି ଆହ୍ୱାନ ରହିଥିବା ସେ କହିଛନ୍ତି ।

ମୁଖ୍ୟ ନିର୍ବାଚନ ଅଧିକାରୀ ରାଜୀବ କୁମାର ଆଗାମୀ ଦିନର ନିର୍ବାଚନରେ କୃତ୍ରିମ ବୁଦ୍ଧିମତା, ବାୟୋମେଟ୍ରିକ୍ ଜ୍ଞାନକୌଶଳ ଓ ଅନ୍‌ଲାଇନ୍ ମତଦାନ ଭଳି ଜ୍ଞାନକୌଶଳର ଉପଯୋଗ ହେବ । ନିର୍ବାଚନକୁ ଅଧିକ ସମାବେଶୀ, ପାରଦର୍ଶୀ ଓ ସ୍ୱଚ୍ଛ କରିବା ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ ସହିତ ଏ ଦିଗରେ ରହିଥିବା ସୁଯୋଗର ଅନୁଶୀଳନ କରିବା ପାଇଁ ସେ ସମ୍ମିଳନୀରେ ଭାଗ ନେଇଥିବା ପ୍ରତିନିଧିମାନଙ୍କୁ ଆହ୍ୱାନ କରିଛନ୍ତି । ଏହି ସମ୍ମିଳନୀରେ ୧୩ଟି ଦେଶ ଓ ବିଶ୍ୱସ୍ତରୀୟ ଅନୁଷ୍ଠାନର ୩୦ ଜଣ ପ୍ରତିନିଧି ଯୋଗ ଦେଇଛନ୍ତି ।

ସମ୍ମିଳନୀର ପ୍ରଥମ ଦିନରେ ନିର୍ବାଚନ ପରିଚାଳନାରେ ପ୍ରଯୁକ୍ତି ବିଦ୍ୟାର ଭୂମିକା, ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମର ଉପଯୋଗର ପ୍ରଭାବ ସହିତ ନିର୍ବାଚନ ପରିଚାଳନାରେ ଦକ୍ଷତା ବୃଦ୍ଧି, ପ୍ରଶିକ୍ଷଣ ଏବଂ ଆନ୍ତର୍ଜାତିକ ସହଯୋଗ ଆଧାରିତ ଏକାଧିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ଦିନରେ ଆସନ୍ତାକାଲି ନିର୍ବାଚନର ଭବିଷ୍ୟତ ଶୀର୍ଷକ ଅଧିବେଶନ ଅନୁଷ୍ଠିତ ହେବ ।

## ଆର୍ମି-ରିପବ୍ଲିକ୍ ଡେ

ଭାରତୀୟ ସେନା ଆସନ୍ତା ୭୬ତମ ସାଧାରଣତନ୍ତ୍ର ଦିବସରେ କର୍ତ୍ତବ୍ୟପଥରେ ନିଜର ସାମର୍ଥ୍ୟ ପ୍ରଦର୍ଶିତ କରିବା ପାଇଁ ପ୍ରସ୍ତୁତ ହେଉଛି । ମେଜର ଜେନେରାଲ୍ ସୁମିତ ମେହେଟା ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ

ସୂଚନା ଦେଇ କହିଛନ୍ତି,  ସେନା ପକ୍ଷରୁ ଯୁଦ୍ଧକ୍ଷେତ୍ର ନିରୀକ୍ଷଣ ବ୍ୟବସ୍ଥା, ଡି.ଆର୍.ଡି.ଓ. ଦ୍ୱାରା ପ୍ରସ୍ତୁତ ଅସ୍ତ୍ରଶସ୍ତ୍ର ପ୍ରଣାଳୀ ଆଦି ପରେଡ୍‌ରେ ମୁଖ୍ୟ ଆକର୍ଷଣ ହେବ । ଭୀଷ୍ମ ଟି-୯୦ ଟ୍ୟାଙ୍କ୍, ନାଗ୍ ମିଶାଇଲ୍ ସିଷ୍ଟମ୍, ବ୍ରହ୍ମୋସ୍ ପିନାକ୍, ଆକାଶ ଅସ୍ତ୍ରଶସ୍ତ୍ର ଆଦି ଆଧାରିତ ଦେଶର ସାମରିକ ଶକ୍ତି ଏହି ଅବସରରେ ପ୍ରଦର୍ଶିତ ହେବ । ଏହା ବ୍ୟତୀତ ସଶସ୍ତ୍ର ବାହିନୀ, କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବାହିନୀ ଏବଂ ଏନ୍.ସି.ସି. ପ୍ୟାରେଡ୍‌ରେ ଅଂଶଗ୍ରହଣ କରିବେ । ଆସନ୍ତା ରବିବାର ପୂର୍ବାହ୍ଣ ସାଢ଼େ ୧୦ଟାରୁ ପରେଡ୍ ଆରମ୍ଭ ହୋଇ ୯୦ ମିନିଟ୍ ପର୍ଯ୍ୟନ୍ତ ଚାଲିବ । ଆକାଶବାଣୀ ସମ୍ବାଦ ବିଭାଗ ସହ କଥାବାର୍ତ୍ତା କରି କ୍ୟାପ୍‌ଟେନ୍ ରିତିକା ଖରେଟା କହିଛନ୍ତି, ଚଳିତ ବର୍ଷ ପରେଡ୍‌ରେ ଇଣ୍ଡୋନେସିଆର ସେନା ଦଳ ଏବଂ ବ୍ୟାଣ୍ଡ୍ ଯୋଗ ଦେଉଛନ୍ତି । ଏହି ଅବସରରେ ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ଆଜି ଫୁଲ୍ ଡ୍ରେସ୍ ରିହାର୍‌ସାଲ୍ ଅନୁଷ୍ଠିତ ହୋଇଛି । ଭାରତୀୟ ବାୟୁସେନାର ବିଭିନ୍ନ ଲଢୁଆ ବିମାନ ଆକାଶମାର୍ଗରେ ଦକ୍ଷତା ପ୍ରଦର୍ଶନ କରିଥିଲେ । ପୂର୍ବାହ୍ଣ ସାଢ଼େ ୧୦ଟାରୁ  ବିଜୟ ଚୌକରୁ ପରେଡ୍ ରିହାର୍‌ସାଲ୍ ଆରମ୍ଭ ହୋଇ ଲାଲ୍‌କିଲା ଅଭିମୁଖେ ଯାତ୍ରା କରିଥିଲା ।

ସୂଚନା ଯୋଗ୍ୟ ବିଭିନ୍ନ ରାଜ୍ୟ, କେନ୍ଦ୍ର ଶାସିତ ଅଞ୍ଚଳ ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟର ୨୬ଟି ପ୍ରଜ୍ଞାପନ ମେଢ଼ ଚଳିତ ବର୍ଷ ପରେଡ୍‌ରେ ଅଂଶଗ୍ରହଣ କରୁଛନ୍ତି ।

# ମହାକୁମ୍ଭ-ଜାଜୁ

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ସଂଜୟ ଜାଜୁ ଆଜି ପ୍ରୟାଗରାଜର ମହାକୁମ୍ଭ ନଗରର ସେକ୍ଟର ୪ରେ ଥିବା ଆକାଶବାଣୀ ଓ ଦୂରଦର୍ଶନ କ୍ୟାମ୍ପ୍ ଅଫିସ୍ ପରିଦର୍ଶନ କରିଛନ୍ତି । ଆକାଶବାଣୀ ଓ ଦୂରଦର୍ଶନ ମାଧ୍ୟମରେ ମହାକୁମ୍ଭ ୨୦୨୫ର ପ୍ରସାରଣ ବ୍ୟବସ୍ଥାର ସେ ସମୀକ୍ଷା କରିଛନ୍ତି । ପ୍ରସାରଭାରତୀ ଦ୍ୱାରା ମହାକୁମ୍ଭ ୨୦୨୫ରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ବ୍ୟାପକ ଆୟୋଜନ କରାଯାଇଥିବା ସେ କହିଛନ୍ତି । ସେ ଆଜି କେନ୍ଦ୍ର ସରକାରଙ୍କ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରଦର୍ଶନୀ ମଧ୍ୟ ପରିଦର୍ଶନ କରିଛନ୍ତି ।

# ଦିଲ୍ଲୀ-ଇଲେକ୍ସନ୍

୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଜୋର୍‌ସୋର୍‌ରେ ଚାଲିଛି । ଭାରତୀୟ ଜନତା ପାର୍ଟି, ଆମ୍ ଆଦମୀ ପାର୍ଟି ଓ କଂଗ୍ରେସର ବରିଷ୍ଠ ନେତାମାନେ ମତଦାତାଙ୍କୁ ଆକୃଷ୍ଟ କରିବା ପାଇଁ ଜନସଭା, ରୋଡ୍ ଶୋ' ଓ ଘରକୁ ଘର ବୁଲି ଅଭିଯାନ ଜାରି ରଖିଛନ୍ତି । ଆଜି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କିରାଇ ବିଧାନସଭା ମଣ୍ଡଳୀରେ ଏକ ଜନସଭାକୁ ଉଦ୍‌ବୋଧନ ଦେଇଛନ୍ତି । ଦିଲ୍ଲୀର

ଶୋଚନୀୟ ପରିମଳ ଓ ରାସ୍ତାଘାଟର ଅବସ୍ଥା ପାଇଁ ଆମ୍ ଆଦ୍‌ମୀ ପାର୍ଟିକୁ ଦୋଷାରୋପ କରିଛନ୍ତି । ସେ ମଧ୍ୟ ଯମୁନା ନଦୀର ଅବସ୍ଥା ପାଇଁ ଆମ୍ ଆଦମୀ ପାର୍ଟିକୁ ଭର୍ତ୍ସନା କରିଛନ୍ତି । ବିଜେପି ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ମଧ୍ୟ ଆଜି ଦିଲ୍ଲୀର ବିଭିନ୍ନ ସ୍ଥାନରେ ରୋଡ୍ ଶୋ'ରେ ଭାଗ ନେଇଛନ୍ତି । ଆମ୍ ଆଦମୀ ପାର୍ଟିର ଆବାହକ ତଥା ବରିଷ୍ଠ ନେତା ଅରବିନ୍ଦ କେଜରିୱାଲ୍ ଆଜି ତିନୋଟି ଜନସଭାରେ ଉଦ୍‌ବୋଧନ ଦେଇଛନ୍ତି । ଆମ୍ ଆଦମୀ ପାର୍ଟି ପାଇଁ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ୍ ମଧ୍ୟ ଦିଲ୍ଲୀରେ ନିର୍ବାଚନ ପ୍ରଚାରରେ ଯୋଗ ଦେଇଛନ୍ତି ।

କଂଗ୍ରେସ ଦଳର ବରିଷ୍ଠ ନେତା ପବନ୍ ଖେରା, ଦିଲ୍ଲୀ କଂଗ୍ରେସ ଅଧ୍ୟକ୍ଷ ଦେବେନ୍ଦ୍ର ଯାଦବଙ୍କ ସମେତ ଅନ୍ୟାନ୍ୟ ନେତାମାନଙ୍କ ଉପସ୍ଥିତିରେ ଦିଲ୍ଲୀ ବିଧାନସଭା ନିର୍ବାଚନୀ ଥିମ୍ ସଙ୍ଗ୍ ଉନ୍ମୋଚନ କରାଯାଇଛି ।

## ଏଫ୍‌ଏସ୍-ଚୀନ୍ ଭିଜିଟ୍

ବୈଦେଶିକ ସଚିବ ବିକ୍ରମ ମିଶ୍ରି ଦ୍ୱିପାକ୍ଷିକ ବୈଠକ ପାଇଁ ଆସନ୍ତା ରବିବାର ଠାରୁ ଦୁଇ ଦିନିଆ ଚୀନ୍ ଗସ୍ତରେ ଯିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ଇସ୍ତାହାରରେ କୁହାଯାଇଛି, ରାଜନୈତିକ, ଆର୍ଥିକ ଓ ଲୋକ ଲୋକ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ଭାରତ-ଚୀନ୍

ସମ୍ପର୍କର ପରବର୍ତ୍ତି ପର୍ଯ୍ୟାୟର ଦ୍ୱିପାକ୍ଷିକ ଆଲୋଚନାରେ ଶ୍ରୀ ମିଶ୍ରି ଅଂଶଗ୍ରହଣ କରିବେ ।

## ବାଂଲାଦେଶ

ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି ବି.ଏନ୍.ପି.ର ସାଧାରଣ ମହାସଚିବ ମୀର୍‌ଜା ଫଖ୍‌ରୁଲ୍ ଆଜି ଡକ୍ଟର ୟୁନୁସ୍‌ଙ୍କ ନେତୃତ୍ୱାଧୀନ ମଧ୍ୟବର୍ତ୍ତୀ ସରକାର ବିଭିନ୍ନ ପ୍ରସଙ୍ଗରେ ନିରପେକ୍ଷତା ଅବଲମ୍ବନ କରିପାରୁ ନ ଥିବା ଅଭିଯୋଗ କରିଛନ୍ତି । ସେ କହିଛନ୍ତି, ଡକ୍ଟର ୟୁନୁସ୍ ପ୍ରଶାସନ ଆସନ୍ତା ନିର୍ବାଚନରେ କେବେବି ନିରପେକ୍ଷ ଭାବରେ କାର୍ଯ୍ୟ କରିପାରିବ ନାହିଁ । ଫଖ୍‌ରୁଲ୍ ଗଣମାଧ୍ୟମକୁ କହିଛନ୍ତି, ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରି ଖୁବ୍ ଶୀଘ୍ର ସେଠାରେ ନିର୍ବାଚନ ଆୟୋଜନ କରାଯିବା ଉଚିତ୍ । ମଧ୍ୟବର୍ତ୍ତୀ ସରକାର ନିରପେକ୍ଷ ଭାବରେ ଦେଶର ସମସ୍ୟାକୁ ସମାଧାନ କରିବା ସକାଶେ ସେ ଆହ୍ୱାନ କରିଛନ୍ତି ।

## ଅଣ୍ଡର ନାଇଣ୍ଟିନ୍

ଆଇ.ସି.ସି. ୧୯ ବର୍ଷରୁ କମ୍ ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍ ପ୍ରତିଯୋଗିତାର ଏକ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ ଶ୍ରୀଲଙ୍କାକୁ ୬୦ରନ୍‌ରେ ପରାସ୍ତ କରିଛି । ମାଲେସିଆର କ୍ୱାଲାଲାମ୍ପୁର ଠାରେ

ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଶ୍ରୀଲଙ୍କା ଭାରତକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ଭାରତ ୯ ୱିକେଟ୍ ବିନିମୟରେ ୧୧୮ରନ୍ ସଂଗ୍ରହ କରିଥିଲା । ୧୧୯ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ଶ୍ରୀଲଙ୍କା ୯ ୱିକେଟ୍ ବିନିମୟରେ ୫୮ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଗ୍ରୁପ୍ ପର୍ଯ୍ୟାୟରେ ଭାରତ ତିନୋଟି ଯାକ ମ୍ୟାଚ୍‌ରେ ବିଜୟ ଲାଭ କରିଛି । ଗତ ରବିବାର ଦିନ ୱେଷ୍ଟଇଣ୍ଡିଜ୍‌କୁ ୯ ୱିକେଟ୍‌ରେ ପରାସ୍ତ କରିଥିବା ବେଳେ ମଙ୍ଗଳବାର ଦିନ ମାଲେସିଆ ବିରୁଦ୍ଧରେ ୧୦ ୱିକେଟ୍‌ରେ ବିଜୟ ହାସଲ କରିଥିଲା । ଗ୍ରୁପ୍ ପର୍ଯ୍ୟାୟ ତାଲିକାରେ ଭାରତ ଏ ପର୍ଯ୍ୟନ୍ତ ଶୀର୍ଷ ସ୍ଥାନରେ ରହି ସୁପର ସିକ୍ସ ପର୍ଯ୍ୟାୟକୁ ଉନ୍ନିତ ହୋଇଛି ।

## ବ୍ୟାଡ୍‌ମିଣ୍ଟନ୍

ଇଣ୍ଡୋନେସିଆ ମାଷ୍ଟର୍ସ୍ ସୁପର ଫାଇଭ୍ ହଣ୍ଡ୍ରେଡ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ପୁରୁଷ ଡବଲ୍ସ ରାଉଣ୍ଡ-୧୬ ମ୍ୟାଚ୍‌ରେ ଭାରତୀୟ ଯୋଡ଼ି ଚିରାଗ୍ ସେଟ୍ଟୀ ଓ ସାତ୍ୱିକ ସାଇରାଜ ରାଙ୍କି ରେଡ୍ଡୀ ସିଧାସଳଖ ଦୁଇଟି ସେଟ୍‌ରେ ଥାଇଲାଣ୍ଡ ଯୋଡ଼ିଙ୍କ ଠାରୁ ହାରି ଯାଇଛନ୍ତି । ଏହି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ଅନ୍ୟତମ ଭାରତୀୟ ଖେଳାଳି ଲକ୍ଷ୍ୟ ସେନ ପୁରୁଷ ସିଙ୍ଗଲ୍ସରେ  ଜାପାନର କେଣ୍ଟା ନିଶିମୋଟୋଙ୍କ ଠାରୁ ହାରିଯାଇଛନ୍ତି । ସେହିଭଳି ମିକ୍ସଡ୍ ଡବଲ୍ସରେ ଭାରତୀୟ ଯୋଡ଼ି ତନିଶା କ୍ରାଷ୍ଟୋ ଓ ଧ୍ରୁବ୍

କପିଳା ମାଲେସିଆ ଯୋଡ଼ି ଠାରୁ ଦ୍ୱିତୀୟ ରାଉଣ୍ଡରେ ହାରି ଯାଇଛନ୍ତି । ଅନ୍ୟ ପକ୍ଷରେ ମହିଳା ଡବଲ୍ସର ଦ୍ୱିତୀୟ ରାଉଣ୍ଡରେ ଭାରତୀୟ ଯୋଡ଼ି ତନିଶା କ୍ରାଷ୍ଟୋ ଓ ଅଶ୍ୱିନୀ ପୋନାପ୍ପା ଏବଂ ମାଲେସିଆ ଯୋଡ଼ିଙ୍କ ମଧ୍ୟରେ ଆଜି ମୁକାବିଲା ହେବ ।

## ହକି

ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାରେ ଆଜି ମହିଳା ବର୍ଗରେ ରାଞ୍ଚିଠାରେ ଓଡ଼ିଶା ୱାରିୟର୍ସ୍ ଏବଂ ଦିଲ୍ଲୀ ଏସ୍.ଜି. ପାଇପର୍ସ ମଧ୍ୟରେ ମୁକାବିଲା ଚାଲିଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଦିଲ୍ଲୀ ଏସ୍.ଜି. ପାଇପର୍ସ୍ ୧-୦ ଗୋଲ୍‌ରେ ଆଗୁଆ ରହିଥିଲା । ପୁରୁଷ ବର୍ଗରେ ରାଉରକେଲା ଠାରେ ତାମିଲନାଡୁ ଡ୍ରାଗନ୍ସ ଏବଂ ହାଇଦ୍ରାବାଦ ତୁଫାନ୍ସ ରାତି ୮ଟା ୧୫ ମିନିଟ୍‌ରେ ପରସ୍ପରକୁ ଭେଟିବେ ।